ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# କେନ୍ଦ୍ରକୁ ଧାନସଂଗ୍ରହ ବାବଦ ବକେୟା ସବ୍‌ସିଡି ଅର୍ଥ ତୁରନ୍ତ ପ୍ରଦାନ ପାଇଁ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପତ୍ର

ଭୁବନେଶ୍ୱର, ୨୨ ଜାନୁଆରୀ ୨୦୨୦

ରାଜ୍ୟକୁ ଧାନସଂଗ୍ରହ ବାବଦରେ ବକେୟା ସବ୍‌ସିଡି ଅର୍ଥ ତୁରନ୍ତ ପ୍ରଦାନ କରିବା ନିମନ୍ତେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବିତରଣ ମନ୍ତ୍ରୀ ଶ୍ରୀ ରାମବିଳାସ ପାଶୱାନ୍‌ଙ୍କୁ ଏକ ପତ୍ର ଲେଖିଛନ୍ତି ।

କେନ୍ଦ୍ର ସରକାରଙ୍କ ଦ୍ୱାରା ଧାନ ସଂଗ୍ରହର ସବ୍‌ସିଡି ଅର୍ଥ ବକେୟା ବାବଦକୁ ଆଜି ସୁଦ୍ଧା ରାଜ୍ୟ ସରକାରଙ୍କ ପ୍ରମୁଖ ଧାନ ସଂଗ୍ରହକାରୀ ସଂସ୍ଥା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ୨୮୭୨.୨୭ କୋଟି ଟଙ୍କା ପାଇବାକୁ ଅଛି । ଡିସେମ୍ବର ୨୦୧୯ ତ୍ରୈମାସିକ ଶେଷ ସୁଦ୍ଧା ଏ ବାବଦ ସବ୍‌ସିଡି ଆକାରରେ ମୋଟ ୪୩୦୭.୧୭ କୋଟି ଟଙ୍କା ପ୍ରାପ୍ୟ ଥିବାବେଳେ ଭାରତ ସରକାର ମାତ୍ର ୧୪୩୪.୯୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଏଥି ସହିତ ମାର୍ଚ୍ଚ ୨୦୨୦ ତ୍ରୈମାସିକ ଶେଷ ବାବଦକୁ ଆଗ୍ରୀମ ସବ୍‌ସିଡି ଅର୍ଥ ପ୍ରାୟ ୧୪୦୦ କୋଟି ଟଙ୍କା ଓଡ଼ିଶାର ପ୍ରାପ୍ୟ ହେଉଛି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ସହିତ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସହିତ ହୋଇଥିବା ବୁଝାମଣା ପତ୍ର ଅନୁଯାୟୀ ପ୍ରତି ୩ ମାସର ପ୍ରଥମ ମାସରେ ରାଜ୍ୟକୁ ଅଗ୍ରୀମ ସବ୍‌ସିଡି ବାବଦକୁ ପ୍ରାପ୍ୟ ଅର୍ଥ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ । ମାତ୍ର ୨୦୧୯-୨୦ ସଂପୂର୍ଣ୍ଣ ଆର୍ଥିକ ବର୍ଷରେ ସବ୍‌ସିଡି ବାବଦକୁ ଏ ପର୍ଯ୍ୟନ୍ତ କୌଣସି ଅର୍ଥ ପ୍ରଦାନ କରାଯାଇନାହିଁ । ଏହା ଫଳରେ ଧାନ ସଂଗ୍ରହକାରୀ ସଂସ୍ଥା ଘୋର ଆର୍ଥିକ ସଂକଟର ସମ୍ମୁଖୀନ ହେଉଛନ୍ତି ଏବଂ ଓଡ଼ିଶା ରାଜ୍ୟ ଯୋଗାଣ ନିଗମକୁ ବ୍ୟାଙ୍କ ଅର୍ଥ ଲିମିଟ୍ ଶେଷ ହୋଇଯାଇଛି । ତୁରନ୍ତ ଯଦି ସବ୍‌ସିଡି ବାବଦକୁ ଅର୍ଥ ପ୍ରଦାନ କରାନଯାଏ ତେବେ ଧାନସଂଗ୍ରହ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପାଶ୍ୱାନ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଓଡ଼ିଶାକୁ ସବ୍‌ସିଡି ବାବଦ ବକେୟା ଅର୍ଥ ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି । ଏଥି ସହିତ ଚଳିତ ଖରିଫ୍ ବିପଣନ ଋତୁ ୨୦୧୯-୨୦ରେ ରାଜ୍ୟରେ ଏ ପର୍ଯ୍ୟନ୍ତ ୩୦ ଲକ୍ଷ ଟନରୁ ଅଧିକ ଧାନସଂଗ୍ରହ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ଚାଷୀଙ୍କ ବ୍ୟାଙ୍କଖାତାକୁ ୫୪୦୦ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି ଏବଂ ଧାନସଂଗ୍ରହ କାର୍ଯ୍ୟ ପୁରାଦମ୍‌ରେ ଚାଲିଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ।

ତାପସ କୁମାର ସାହା
ସୂଚନା ଅଧିକାରୀ